# ମାଗଣା ସ୍ୱାସ୍ଥ୍ୟ ଶିବିର

ଇବ୍ଥର୍ମାଲ/ ଲଖନପୁର,୨୩।୨ (ଇମିସ): ଓପିଜିସି ଅନ୍ତର୍ଗତ ଇବ୍‌ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥିତ ଡାକ୍ତରଖାନା ପକ୍ଷରୁ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲଖନପୁର ବ୍ଲକ ଦଳଗାଁ ପଞ୍ଚାୟତ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରକୁ ସିଏମ୍‌ଓ ଡାକ୍ତର ବିଜୟଲାଲ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସଂଗୀତା ପଣ୍ଡା, ଚକ୍ଷୁ ବିଶେଷଜ୍ଞ ଡାକ୍ତ ଦିଲୀପ ପଟ୍ଟନାୟକ, ଡାକ୍ତର ଏକାନ୍ତ ପ୍ରଧାନ, ଡା. ୱାଇ ସି ରାଓ, ଡା. ଆଶିଷ ରାୟ, ଡା. ଲକ୍ଷ୍ମଣ କୁମାର, ଡା. ଶୁଭଙ୍କର ପ୍ରମୁଖ ଯୋଗଦେଇ ବିଭିନ୍ନ ବର୍ଗର ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ମୋଟ ୬୦୧ଜଣଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓପିଜିସି ବରିଷ୍ଠ ଅଧିକାରୀ ଦିଲୀପ ପଣ୍ଡା, ଲୋକସଂପର୍କ ଅଧିକାରୀ ହିମାଂଶୁ ଭୂଷଣ ବେହେରା, ଚିକିତ୍ସାଳୟ କର୍ମଚାରୀ ଦାମୋଦର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ସକାଳ ୧୦ଟାରୁ ସଂଧ୍ୟା ୬ଟା ର୍ଯ୍ୟନ୍ତ ଚାଲିଥିଲା।